# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 07 November – 2025

*********************************

## ମୁଖ୍ୟ ସମ୍ବାଦ

- ବନ୍ଦେ ମାତରମ୍ ହେଉଛି ଭାରତୀୟ ମାନଙ୍କର ଏକ ସଂକଳ୍ପ ଏବଂ ଶକ୍ତି, କହିଲେ ପ୍ରଧାନମନ୍ତ୍ରୀ

— ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ୧ ବର୍ଷ ବ୍ୟାପୀ ଚାଲିବାକୁ ଥିବା କାର୍ଯ୍ୟକ୍ରମର କଲେ ଶୁଭାରମ୍ଭ

- ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ଉପରେ ଦେଉଛନ୍ତି ଗୁରୁତ୍ୱ, କହିଲେ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ

- ଅନନ୍ୟ ପାଇଁ ଏକତ୍ରିତ ହେବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ କ୍ୟାନସର ସଚେତନତା ଦିବସ

ଏବଂ

- ଭାରତୀୟ ହକିକୁ ଆଜି ପୂରିଲା ୧୦୦ବର୍ଷ

## ବନ୍ଦେ ମାତରମ୍

ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"କୁ ଆଜି ୧୫୦ ବର୍ଷ ପୂରଣ ହୋଇଛି । ନୂଆଦିଲ୍ଲୀଠାରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷବ୍ୟାପୀ ସ୍ମାରକୀ ସମାରୋହର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ହେବା ସହିତ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିଛନ୍ତି। ଦେଶର ଯୁବବର୍ଗଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆଜି ଦେଶର ୧୫୦ଟି ସ୍ଥାନରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହିକ୍ରମରେ ଭୁବନେଶ୍ୱର ସମେତ ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଏବଂ ରାଉରକେଲାରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବଙ୍କିମ୍ ଚନ୍ଦ୍ର ଚାଟ୍ଟାର୍ଜୀ ୧୮୭୫ ମସିହାରେ "ବନ୍ଦେ ମାତରମ୍" ଗୀତର ରଚନା କରିଥିଲେ ।

## ପିଏମ୍-ବନ୍ଦେମାତରମ୍

ବନ୍ଦେ ମାତରମ୍ ଏକ ମନ୍ତ୍ର, ଏକ ସ୍ୱପ୍ନ, ଏକ ସଂକଳ୍ପ ଏବଂ ଏକ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  କହିଛନ୍ତି। ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ବର୍ଷବ୍ୟାପୀ ସ୍ମାରକୀ ଉତ୍ସବର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ସମସ୍ତ ଲକ୍ଷ୍ୟକୁ ହାସଲ କରିପାରିବେ। ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଅବସର।

‘ବନ୍ଦେ ମାତରମ୍’ ଏକ ଉତ୍ସାହଜନକ ଆହ୍ୱାନ, ଯାହା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିଛି ଏବଂ ସମଗ୍ର ଦେଶରେ ଦେଶପ୍ରେମର ଭାବନା ଜାଗ୍ରତ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O (PM)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ  କହିଛନ୍ତି, ବଙ୍କିମ୍‌ଚନ୍ଦ୍ର ଚଟୋପାଧାୟଙ୍କ ରଚିତ ଉନଂବିଶ ଶତାବ୍ଦୀର ଏହି ସଂଗୀତ ବ୍ରିଟିଶରାଜ୍ ବିରୁଦ୍ଧରେ ପ୍ରେରଣାର ଉତ୍ସ ପାଲଟିଥିଲା ।

## ବନ୍ଦେ ମାତରମ

ବନ୍ଦେ ମାତରମ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ର ପ୍ରେମ, ତ୍ୟାଗ ଓ ରାଷ୍ଟ୍ର ପ୍ରତି ସମର୍ପଣ ଭାବର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଷ୍ଟ୍ରଗୀତ ବନ୍ଦେ ମାତରଂ’ର ୧୫୦ତମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ବନ୍ଦେ ମାତରଂ ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ।

**- V/O -(CM)**

ଆଜିଠାରୁ ୧ ବର୍ଷ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। **ସମ୍ବଲପୁର**ରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ

ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଚଳିତବର୍ଷ ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ  ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କହିଛନ୍ତି । **ପୁରୀ** ଜିଲ୍ଲାରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ୧୧ଟି ବ୍ଲକ୍ ସହ ଯୋଡି ହୋଇ ବନ୍ଦେ ମାତରମ୍ ଗାନ କରିଥିଲେ ।

ସେହିପରି **ସୁବର୍ଣ୍ଣପୁର**, **କେନ୍ଦ୍ରାପଡ଼ା, ବରଗଡ଼, କନ୍ଧମାଳ, ନୟାଗଡ଼, କୋରାପୁଟ, ଗଞ୍ଜାମ, ନବରଙ୍ଗପୁର, ଗଜପତି** ଆଦି ଜିଲ୍ଲାରେ ଜିଲ୍ଲାସ୍ତରୀୟ ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି । କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀମାନେ ବନ୍ଦେ ମାତରମ୍ ସଂଗୀତ ଏକସଂଗେ ଗାନ କରିଥିଲେ । ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜାତୀୟତାବୋଧ ସୃଷ୍ଟି କରିବା ପାଇଁ ବନ୍ଦେ ମାତରମ୍ ସଂଗୀତ  ଏକାସଂଗରେ ଗାନ କରାଯାଇଥିଲା । ଆଜିଠାରୁ ଆସନ୍ତା ବର୍ଷ ନଭେମ୍ବର ମାସ ୬ ତାରିଖ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବନ୍ଦେ ମାତରମ୍ ସଂଗୀତ ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବା ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ଭୁବନେଶ୍ୱର ଜନତା ମଇଦାନଠାରେ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଅଧିବେଶନକୁ ଉଦ୍‌ଘାଟନ କରି ଶ୍ରୀ ଗଡକରୀ କହିଛନ୍ତି, ଭାରତକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ହେଲେ ନୂତନତ୍ୱ ଏବଂ ପ୍ରଯୋଗଭିତ୍ତିକ କାର୍ଯ୍ୟଗୁଡ଼ିକୁ ଆଗେଇ ନେବାକୁ ପଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ସଡକ ନିର୍ମାଣ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଛି। ଚଳିତ ଆର୍ଥିକବର୍ଷରେ ସରକାର ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ସଡକ ଓ ପରିବହନ କ୍ଷେତ୍ରକୁ ପ୍ରଦାନ କରିଛନ୍ତି। ଶ୍ରୀ ଗଡକରୀ କହିଛନ୍ତି....**-V/O-**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ୨୦୧୪ ମସିହାଠାରୁ ୨୦୨୫ ମସିହା ମଧ୍ୟରେ ବିଗତ ୧୧ ବର୍ଷରେ ୧ ଲକ୍ଷ ୪୬ ହଜାର ୨୦୦ କିଲୋମିଟର ସଡକ ନିର୍ମାଣ ହୋଇଛି। ଗ୍ରାମାଞ୍ଚଳରେ ସଡକ ନିର୍ମାଣ କ୍ଷେତ୍ରରେ ବହୁତ ଅଗ୍ରଗତି ଘଟିଛି। ସମ୍ମିଳନୀରେ ୩ ହଜାରରୁ ଊର୍ଦ୍ଧ୍ୱ ସଡକ ପରିବହନ ସମ୍ପର୍କିତ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଯୋଗଦେଇଛନ୍ତି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଚାଲିବ।

## ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ

କ୍ୟାନ୍‌ସର ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ଜାତୀୟ କ୍ୟାନ୍‌ସର ସଚେତନତା ଦିବସ। ଚଳିତ ବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ଅନନ୍ୟ ପାଇଁ ଏକତ୍ରିତ ହେବା' । ଜଣେ କ୍ୟାନ୍‌ସର ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯିବା କୌଣସି ପରିସ୍ଥିତିରେ ଠିକ୍ ନୁହେଁ। କ୍ୟାନ୍‌ସର ରୋଗର କାରଣ ଏବଂ

ଚିକିତ୍ସା ପ୍ରଣାଳୀ ସହିତ ଏହି ରୋଗକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କରାଇପାରିଲେ କିପରି ରୋଗୀକୁ ଆରୋଗ୍ୟ ମିଳିଥାଏ ସେହି ସମ୍ବନ୍ଧରେ ସଚେତନ କରାଇବା ନେଇ ଆଜି ସ୍କୁଲ କଲେଜଠାରୁ ଆରମ୍ଭ କରି ସରକାରୀ ସ୍ତରରେ  ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ କରାଯାଉଛି।

କେନ୍ଦ୍ର ସରକାର ୧୯୭୫ ମସିହାରେ ଜାତୀୟ କର୍କଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ୨୦୦୭ ମସିହାରୁ ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ କରୁଛନ୍ତି।

୨୦୨୨ ମସିହାରେ ଦେଶରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ କ୍ୟାନ୍‌ସର ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ତା'ଭିତରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟାନ୍‌ସର ରୋଗୀଙ୍କ ମୃତ୍ୟୁ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟରୁ ଜଣାପଡ଼ିଛି। ସଂଗଠନର ଆକଳନ ଅନୁସାରେ ପୃଥିବୀରେ କ୍ୟାନ୍‌ସର ଯୋଗୁଁ ୨ କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। କ୍ୟାନ୍‌ସର ରୋଗ ସମ୍ବନ୍ଧରେ ସଚେତନ କରାଇବା ଏବଂ କ୍ୟାନ୍‌ସର ରୋଗୀଙ୍କର ସମ୍ପୂର୍ଣ୍ଣ ଯତ୍ନନେବା ବର୍ତ୍ତମାନର ଆବଶ୍ୟକତା ରହିଛି।

## ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ

କ୍ୟାନ୍‌ସର ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ଜାତୀୟ କ୍ୟାନ୍‌ସର ସଚେତନତା ଦିବସ। ଚଳିତ

ବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ଅନନ୍ୟ ପାଇଁ ଏକତ୍ରିତ ହେବା' । ଜଣେ କ୍ୟାନ୍‌ସର ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯିବା କୌଣସି ପରିସ୍ଥିତିରେ ଠିକ୍ ନୁହେଁ। କ୍ୟାନ୍‌ସର ରୋଗର କାରଣ ଏବଂ ଚିକିତ୍ସା ପ୍ରଣାଳୀ ସହିତ ଏହି ରୋଗକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କରାଇପାରିଲେ କିପରି ରୋଗୀକୁ ଆରୋଗ୍ୟ ମିଳିଥାଏ ସେହି ସମ୍ବନ୍ଧରେ ସଚେତନ କରାଇବା ନେଇ ଆଜି ସ୍କୁଲ କଲେଜଠାରୁ ଆରମ୍ଭ କରି ସରକାରୀ ସ୍ତରରେ  ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ କରାଯାଉଛି।

କେନ୍ଦ୍ର ସରକାର ୧୯୭୫ ମସିହାରେ ଜାତୀୟ କର୍କଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ୨୦୦୭ ମସିହାରୁ ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ କରୁଛନ୍ତି।

୨୦୨୨ ମସିହାରେ ଦେଶରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ କ୍ୟାନ୍‌ସର ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ତା'ଭିତରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟାନ୍‌ସର ରୋଗୀଙ୍କ ମୃତ୍ୟୁ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟରୁ ଜଣାପଡ଼ିଛି। ସଂଗଠନର ଆକଳନ ଅନୁସାରେ ପୃଥିବୀରେ କ୍ୟାନ୍‌ସର ଯୋଗୁଁ ୨ କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। କ୍ୟାନ୍‌ସର ରୋଗ ସମ୍ବନ୍ଧରେ ସଚେତନ କରାଇବା ଏବଂ କ୍ୟାନ୍‌ସର ରୋଗୀଙ୍କର ସମ୍ପୂର୍ଣ୍ଣ ଯତ୍ନନେବା ବର୍ତ୍ତମାନର ଆବଶ୍ୟକତା ରହିଛି।

# ହକି– ୧୦୦ ବର୍ଷ

ଭାରତୀୟ ହକି ଚଳିତ ବର୍ଷ ୧୦୦ ବର୍ଷ ପୂରଣ କରିଛି। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ଆଜି ହକି ଇଣ୍ଡିଆ ସହ କେନ୍ଦ୍ର କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେଶର ୫୫୦ରୁ ଅଧିକ ଜିଲ୍ଲାରେ ସମାନ୍ତରାଳ ଭାବରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଏହି ଅବସରରେ 'ଭାରତୀୟ ହକିର ୧୦୦ ବର୍ଷ' ନାମକ ସ୍ମାରକୀ ପୁସ୍ତକ ଉନ୍ମୋଚନ ହୋଇଯାଇଛି।

ହକି ଖେଳକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ୨୦୩୬ ମସିହା ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଛନ୍ତି।

ବରିଷ୍ଠ କ୍ରୀଡା ସାମ୍ବାଦିକ **ସମ୍ବିତ ମହାପାତ୍ର** ଆକାଶବାଣୀକୁ କହିଛନ୍ତି....

**- V/O –**

# ସଡକ ଦୁର୍ଘଟଣା

ସଡକ ଦୁର୍ଘଟଣା ହ୍ରାସ କରିବା ଲକ୍ଷ୍ୟରେ ଚଳିତମାସ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତାହତ ପକ୍ଷ ପାଳନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭାଗୀୟ ସଚିବ ଉଷା ପାଢ଼ୀ ଏହି ମର୍ମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପରିବହନ ଅଧିକାରୀମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ପକ୍ଷ ପାଳନ ସମୟରେ ସଡକ ସୁରକ୍ଷା ସମ୍ବନ୍ଧିତ ଗାଡି

ଚାଳକମାନଙ୍କୁ ସଚେତନ କରାଯିବା ସହିତ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଶୀତକାଳିନ ଅଧିବେଶନ

ବିଧାନସଭା ଶୀତକାଳିନ ଅଧିବେଶନ ପାଇଁ ଆଜି ଅପରାହ୍ଣରେ ଅର୍ଥବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ବଜେଟ୍ ପ୍ରସ୍ତାବ ସମୀକ୍ଷା କରାଯିବ । ଲୋକସେବା ଭବନରେ ଅର୍ଥବିଭାଗ ପ୍ରମୁଖ ସଚିବ ବିଭାଗୀୟ ପ୍ରସ୍ତାବଗୁଡ଼ିକୁ ଯାଞ୍ଚ କରିବେ । ଏହି ପରିପ୍ରେକ୍ଷୀରେ ଗତକାଲି ମତ୍ସ୍ୟ ଓ ପଶୁସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ବଜେଟ୍ ପ୍ରସ୍ତାବକୁ ଉନ୍ନୟନ କମିଶନର ଅନୁ ଗର୍ଗ ସମୀକ୍ଷା କରିଛନ୍ତି ।

## ପ୍ରାଣୀସମ୍ପଦ ମେଳା

**ଭଦ୍ରକ** ଜିଲ୍ଲା ବନ୍ତ ବ୍ଲକ୍ ପଂଚାୟତ ସମିତି ପରିସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି । ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ମତ୍ସ୍ୟଚାଷକୁ ଅଧିକ ପ୍ରୋତ୍ସାହିତ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୫ଟି ପଂଚାୟତର ୫୨୦ ଜଣ ମତ୍ସ୍ୟଚାଷୀ ଯୋଗଦେଇଥିଲେ ।

*********************************